ସୂଚନା ଓ ଲୋକ ସଂପର୍କ ବିଭାଗ
**Information & Public Relations Department**
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

## ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନସ୍ଥ
## ବୈଧମାପ ବିଜ୍ଞାନ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟର ୪୬ଟି ପେଟ୍ରୋଲ୍ ପମ୍ପରେ ଯାଞ୍ଚ
### ୨ ଲକ୍ଷ ୧୮ ହଜାର ଟଙ୍କା ଜରିମାନା ଆଦାୟ

ଭୁବନେଶ୍ୱର, ୧୨ ଫେବୃଆରୀ ୨୦୨୦

ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନସ୍ଥ ବୈଧମାପ ବିଜ୍ଞାନ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଆଜି ନଅଟି ସ୍କ୍ୱାଡ୍ ଗଠନ କରାଯାଇ ଜୟପୁର, ରାୟଗଡ଼ା, ନବରଙ୍ଗପୁର, ଭବାନୀପାଟଣା, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବୌଦ୍ଧ ଓ ଫୁଲବାଣୀର ପେଟ୍ରୋଲ୍ ପମ୍ପଗୁଡ଼ିକରେ ଅଚାନକ ଯାଞ୍ଚ କରାଯାଇଛି । ୪୬ଟି ପେଟ୍ରୋଲ୍ ପମ୍ପରେ କରାଯାଇଥିବା ଯାଞ୍ଚରୁ ୧୦ଟି ପମ୍ପରୁ କମ୍ ମାପ ପାଇଁ ଏବଂ ୧୧ଟି ପମ୍ପରୁ ବୈଧମାପ ବିଜ୍ଞାନ ନିୟମର ଅନ୍ୟାନ୍ୟ ତ୍ରୁଟି ପାଇଁ ସମୁଦାୟ ୨ ଲକ୍ଷ ୧୮ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି ।

ଗତ ଜାନୁଆରୀ ୨୮ ତାରିଖରେ ବୈଧ ମାପ ଓ ଓଜନ (ଲିଗାଲ୍ ମେଟ୍ରୋଲୋଜି) ନିର୍ଦ୍ଦେଶାଳୟ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବା ଅବସରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅସାଧୁ ବ୍ୟବସାୟକୁ ରୋକିବା ତଥା ଖାଉଟିଙ୍କ ସୁରକ୍ଷା ନିମନ୍ତେ ରାଜ୍ୟରେ ବ୍ୟବସାୟ ପ୍ରତିଷ୍ଠାନ ଓ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର ମାପ ଓ ଓଜନ ଠକେଇ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ପେଟ୍ରୋଲ୍ ପମ୍ପଗୁଡ଼ିକରେ ମଧ୍ୟ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଏହି ପରିପ୍ରେକ୍ଷୀରେ ପୂର୍ବରୁ ଫେବୃଆରୀ ୩ ତାରିଖରେ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ୩୪ଟି ପେଟ୍ରୋଲ୍ ପମ୍ପରେ ଯାଞ୍ଚ କରାଯାଇ ୭ଟି ପମ୍ପରୁ କମ୍ ମାପ ପାଇଁ ଏବଂ ୯ଟି ପମ୍ପରୁ ବୈଧମାପ ବିଜ୍ଞାନ ନିୟମର ଅନ୍ୟାନ୍ୟ ତ୍ରୁଟି ପାଇଁ ସମୁଦାୟ ୧ ଲକ୍ଷ ୮୩ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିଲା ।

ଆଜି ଜୟପୁରରେ ୪ଟି ପେଟ୍ରୋଲ୍ ପମ୍ପରେ କରାଯାଇଥିବା ଯାଞ୍ଚରୁ ସମସ୍ତ ୪ଟି ସ୍ଥାନରେ କମ୍ ମାପ ପାଇଁ ୪୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ।

ରାୟଗଡ଼ାରେ ୫ଟି ପେଟ୍ରୋଲ୍ ପମ୍ପରେ ଯାଞ୍ଚରୁ ୨ଟି ସ୍ଥାନରେ କମ ମାପ ପାଇଁ ତିରିଶ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ।

ନବରଙ୍ଗପୁରରେ ୪ଟି ପେଟ୍ରୋଲ୍ ପମ୍ପରେ କରାଯାଇଥିବା ଯାଞ୍ଚରୁ ଗୋଟିଏ ସ୍ଥାନରେ ପ୍ୟାକେଟ୍ ସାମଗ୍ରୀ ନିୟମର ଉଲ୍ଲଂଘନ ଓ ଗୋଟିଏ ସ୍ଥାନରେ ସତ୍ୟାପିତ ହୋଇନଥିବାର ତ୍ରୁଟି ପରିଲକ୍ଷିତ ହୋଇଛି ଏବଂ ଏହି ବାବଦରେ ୨୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ।

ସେହିପରି ଭବାନୀପାଟଣାରେ ୭ଟି ପେଟ୍ରୋଲ୍ ପମ୍ପରେ କରାଯାଇଥିବା ଯାଞ୍ଚରୁ ଗୋଟିଏ ସ୍ଥାନରେ ସତ୍ୟାପିତ ପ୍ରମାଣପତ୍ର ଟାଙ୍ଗୀ ନଥିବାରୁ ତ୍ରୁଟି ପରିଲକ୍ଷିତ ହୋଇଛି ଏବଂ ଏହି ବାବଦରେ ୫ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି ।

ନୂଆପଡ଼ାରେ ୪ଟି ପେଟ୍ରୋଲ୍ ପମ୍ପରେ କରାଯାଇଥିବା ଯାଞ୍ଚରୁ ଗୋଟିଏ ସ୍ଥାନରେ କମ ମାପ ପାଇଁ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ।

ସେହିପରି ବଲାଙ୍ଗୀରରେ ୮ଟି ପେଟ୍ରୋଲ୍ ପମ୍ପରେ କରାଯାଇଥିବା ଯାଞ୍ଚରୁ ୫ଟି ସ୍ଥାନରେ ସତ୍ୟାପିତ ପ୍ରମାଣପତ୍ର ଟାଙ୍ଗୀ ନଥିବାର ତ୍ରୁଟି ପରିଲକ୍ଷିତ ହୋଇଛି ଏବଂ ଏହି ବାବଦରେ ୨୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ।

ସୋନପୁରରେ ୪ଟି ପେଟ୍ରୋଲ୍ ପମ୍ପରେ କରାଯାଇଥିବା ଯାଞ୍ଚରୁ ଗୋଟିଏ ସ୍ଥାନରେ କମ୍ ମାପ ପାଇଁ ଓ ଗୋଟିଏ ସ୍ଥାନରେ ସତ୍ୟାପିତ ହୋଇନଥିବାର ତ୍ରୁଟି ପରିଲକ୍ଷିତ ହୋଇଛି ଏବଂ ଏହି ବାବଦରେ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ।

ବୌଦ୍ଧରେ ୬ଟି ପେଟ୍ରୋଲ୍ ପମ୍ପରେ କରାଯାଇଥିବା ଯାଞ୍ଚରୁ ଗୋଟିଏ ସ୍ଥାନରେ ପ୍ୟାକେଟ୍ ସାମଗ୍ରୀ ନିୟମର ଉଲ୍ଲଂଘନ ହୋଇଥିବାର ତ୍ରୁଟି ପରିଲକ୍ଷିତ ହୋଇଛି ଏବଂ ଏହି ବାବଦରେ ୫ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି ।

ସେହିପରି ଫୁଲବାଣୀରେ ୪ଟି ପେଟ୍ରୋଲ୍ ପମ୍ପରେ କରାଯାଇଥିବା ଯାଞ୍ଚରୁ ଦୁଇଟି ସ୍ଥାନରେ କମ୍ ମାପ ପାଇଁ ଓ ଗୋଟିଏ ସ୍ଥାନରେ ସତ୍ୟାପିତ ହୋଇନଥିବାର ତ୍ରୁଟି ପରିଲକ୍ଷିତ ହୋଇଛି ଏବଂ ଏହି ବାବଦରେ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ।

ତାପସ କୁମାର ସାହା
ସୂଚନା ଅଧିକାରୀ